# NATIONAL NEWS BULLETIN (ODIA)

**26 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- କାରଗିଲ୍ ବିଜୟ ଦିବସ ଅବସରରେ ସଂସଦରେ ପ୍ରାଣବଳୀ ଦେଇଥିବା ସେନାନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ।

- ବୀର ସୈନିକମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଆଜିଠାରୁ ଆରମ୍ଭ ହେଉଛି ପ୍ୟାରିସ୍ ଅଲିମ୍ପିକ୍ସ କ୍ରୀଡ଼ାକୁମ୍ଭ ।

— ଭାରତର ନେତୃତ୍ୱ ନେଉଛନ୍ତି ଶରତ କମଲ୍ ଓ ପି.ଭି. ସିନ୍ଧୁ ।

- କୃଷି ଉତ୍ପାଦ ଆମଦାନୀ ଓ ରପ୍ତାନୀ ନିମନ୍ତେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏକୀକୃତ କୃଷି ରପ୍ତାନୀ ସେବା ।

- ଆମେରିକା କଂଗ୍ରେସରେ ଭାରତ ସମର୍ଥନରେ ବିଲ୍ ଆଗତ କଲେ ସିନେଟ୍ ସଦସ୍ୟ ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ସେମିଫାଇନାଲ୍’ ଆଉ କିଛି ସମୟ ପରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ।

---

## କାର୍ଗିଲ୍ ବିଜୟ ଦିବସ - ଇଣ୍ଟ୍ରୋ

ଆଜି ଦେଶ ୨୫ତମ କାର୍ଗିଲ୍ ବିଜୟ ଦିବସ ପାଳନ କରୁଛି । ୧୯୯୯ ମସିହାରେ କାର୍ଗିଲ୍ ଯୁଦ୍ଧରେ ପ୍ରାଣବଳି ଦେଇଥିବା ବୀର ଭାରତୀୟ ଯୋଦ୍ଧାମାନଙ୍କୁ ଆଜି ହେଉଛି ଶ୍ରଦ୍ଧାସୁମନ ଅର୍ପଣ କରିବାର ଦିନ । ୧୯୯୯ ମସିହା ଆଜିର ଦିନରେ ଭାରତ' ଅପରେସନ୍ ବିଜୟ ଅଭିଯାନରେ ପାକିସ୍ତାନ ବିରୋଧରେ ବିଜୟ ହାସଲ କରିଥିଲା । ଜମ୍ମୁ-କାଶ୍ମୀରର କାର୍ଗିଲ ଜିଲ୍ଲାକୁ ପାକିସ୍ତାନୀ ସେନା ଏବଂ ଆତଙ୍କବାଦୀ ପ୍ରବେଶ କରି ସେହି ସ୍ଥାନକୁ ଅକ୍ତିଆର କରିନେଇଥିଲେ । ଭାରତୀୟ ସେନା ଅକ୍ଳାନ୍ତ ପରିଶ୍ରମ କରି ସେଠାରେ ଭାରତୀୟ ତ୍ରିରଙ୍ଗା ଉଡ଼ାଇଥିଲେ ।

## ପାର୍ଲ୍ୟାମେଣ୍ଟ-କାର୍‌ଗିଲ ଦିବସ

କାରଗିଲ ଦିବସ ଅବସରରେ ଆଜି ସଂସଦର ଉଭୟ ଗୃହରେ କାର୍‌ଗିଲ ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ସାହସୀ ସୈନିକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଲୋକସଭାର ବାଚସ୍ପତି ଓମ୍ ବିର୍ଲା ବୀର ସୈନିକ ମାନଙ୍କ ବଳିଦାନକୁ ସ୍ମରଣ କରି କହିଛନ୍ତି କାର୍‌ଗିଲ ଯୁଦ୍ଧରେ ଆମ ସୈନିକ ମାନେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ । ଶ୍ରୀ ବିର୍ଲା କହିଛନ୍ତି ୨୫ତମ କାର୍‌ଗିଲ ବିଜୟ ଦିବସ ଅବସରରେ ଲୋକସଭା ସେହି ବୀର ଜବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛି ।

ରାଜ୍ୟସଭାର ଅଧ୍ୟକ୍ଷ ଜଗଦୀପ ଧନଖଡ କହିଛନ୍ତି କାର୍‌ଗିଲ ଯୁଦ୍ଧ ସମୟରେ ଭାରତୀୟ ସଶସ୍ତ୍ର ସେନା ଅଦମ୍ୟ ସାହସ ଏବଂ ବୀରତ୍ୱ ପ୍ରଦର୍ଶନ ପୂର୍ବକ ଯେଉଁ ବିଜୟ ହାସଲ କରିଛି ଆଜି ସାରା ଦେଶ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ୨୫ତମ ବାର୍ଷିକୀ ପାଳନ କରୁଛି । ସେ କହିଛନ୍ତି ପ୍ରତିକୂଳ ପରିସ୍ଥିତିରେ ଏବଂ ଦୁର୍ଗମ ଅଞ୍ଚଳରେ ଆମ ସେନାନି ଯେଉଁ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଛନ୍ତି ଓ ଦୃଢ଼ ସଂକଳ୍ପ ଦେଖାଇଛନ୍ତି, ତାହା ପ୍ରତି ରାଜ୍ୟସଭା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଉଭୟ ଗୃହରେ ପ୍ରାଣବଳି ଦେଇଥିବା ସୈନିକମାନଙ୍କ ପ୍ରତି ନୀରବ ପ୍ରାର୍ଥନା କରାଯାଇଛି ।

## ପ୍ରେସିଡେଣ୍ଟ-କାରଗିଲ ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍‌ଗିଲ ବିଜୟ ଦିବସ ଅବସରରେ ଦେଶର ସଶସ୍ତ୍ର ସେନା ପ୍ରତି କୃତଜ୍ଞତାବ୍ୟକ୍ତ କରିଛନ୍ତି । ସେ ପ୍ରାଣବଳି ଦେଇଥିବା ସୈନିକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ମଧ୍ୟ ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ରାଷ୍ଟ୍ରପତି ମୁର୍ମୁ ୧୯୯୯ ଅପରେସନ ବିଜୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକମାନଙ୍କୁ ସ୍ମରଣ କରିଛନ୍ତି । ସେ କହିଛନ୍ତି ଆମ ଦେଶର ସୈନିକମାନଙ୍କ ବଳିଦାନ ଓ ବୀରତ୍ୱ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରୁଛି ।

# ପି.ଏମ୍. - କାର୍ଗିଲ୍ ବିଜୟ ଦିବସ

ପଞ୍ଚବିଂଶ କାର୍ଗିଲ୍ ବିଜୟ ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଗିଲ୍ ଯୁଦ୍ଧ ସ୍ମାରକ ପରିଦର୍ଶନ କରିଛନ୍ତି । ଦେଶପାଇଁ କର୍ତ୍ତବ୍ୟ କରି ସର୍ବୋଚ୍ଚ ବଳିଦାନ ଦେଇଥିବା ଯବାନମାନଙ୍କୁ ଶ୍ରୀ ମୋଦୀ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିବସ ପ୍ରତ୍ୟେକ ଭାରତୀୟଙ୍କପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆଜିର ଦିବସ ହେଉଛି, ଦେଶକୁ ସୁରକ୍ଷା ଦେଉଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବାର ଦିନ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ...

## V/o-

ଶ୍ରୀ ମୋଦୀ କହିଛନ୍ତି, ଆଜିଠାରୁ 'ଶିଙ୍କୁନ ଲା' ସୁଡ଼ଙ୍ଗ ପରିଯୋଜନାର କାର୍ଯ୍ୟ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ପ୍ରଥମ ବିସ୍ଫୋରଣ କରି ଏହି ଯୋଜନାର କାର୍ଯ୍ୟ ଆରମ୍ଭ କରିବେ । ଖରାପ ପାଗ ସମୟରେ ଯୋଗାଯୋଗ ରକ୍ଷା ଦିଗରେ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୫ ହଜାର ୮୦୦ ଫୁଟ୍ ଉପରେ ୪ ଦଶମିକ ୧ କିଲୋମିଟର ଲମ୍ବ ଏହି ସୁଡ଼ଙ୍ଗ ସବୁ ସମୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁରକ୍ଷିତ କରିବ । ନିର୍ମାଣ ଶେଷହେବା ପରେ ଏହି ସୁଡ଼ଙ୍ଗ ବିଶ୍ୱର ସବୁଠାରୁ ଉଚ୍ଚତମ ସୁଡ଼ଙ୍ଗ ଭାବେ ବିବେଚିତ ହେବ । ସେନାବାହିନୀର

ଗମନାଗମନ ବ୍ୟତୀତ ଏହି ସୁଡ଼ଙ୍ଗ ଲଦାଖ୍‌ର ଆର୍ଥିକ ଏବଂ ସାମଜିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ରାଜନାଥ - କାର୍‌ଗିଲ୍ ଦିବସ

୨୫ତମ କାର୍‌ଗିଲ ବିଜୟ ଦିବସ ଅବସରରେ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକରେ କାର୍‌ଗିଲ ଯୋଦ୍ଧାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେନାର ଉପପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଏନ୍. ରାଜା ସୁବ୍ରମଣି, ନୌସେନାର ଉପମୁଖ୍ୟ ଭାଇସ୍ ଆଡମିରାଲ କେ. ସ୍ୱାମୀନାଥନ ଏବଂ ବାୟୁସେନାର ଉପମୁଖ୍ୟ ଏୟାର ମାର୍ଶାଲ ଏ.ପି.ସିଂହ ଏବଂ ସି.ଆଇ.ଏସ୍.ସିର ଲେଫ୍ଟନାଣ୍ଟ ଜେନେରାଲ ଜନସନ ପି. ମାଥ୍ୟୁ ପ୍ରମୁଖ କାର୍‌ଗିଲ ଯୁଦ୍ଧରେ ପ୍ରାଣବଳି ଦେଇଥିବା ସୈନିକମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ଅମିତଶାହା-କାରଗିଲ ଦିବସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି କାର୍‌ଗିଲ ବିଜୟ ଦିବସ ଅବସରରେ ସେନାର ଜବାନମାନଙ୍କ ବୀରତ୍ୱକୁ ସମ୍ମାନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ଶ୍ରୀ ଶାହା ହିମାଳୟର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅଭୂତପୂର୍ବ ପ୍ରଦର୍ଶନ ପୂର୍ବକ ଆମ ଦେଶର ବୀର ସୈନିକମାନେ ଶତ୍ରୁ

ସୈନ୍ୟଙ୍କୁ ପରାସ୍ତ କରି କାର୍‌ଗିଲରେ ପୁଣିଥରେ ତ୍ରିରଙ୍ଗା ଉଡାଇ ଦେଶକୁ ଗୌରବାନ୍ୱିତ କରିଥିଲେ ବୋଲି କହିଛନ୍ତି । ଶ୍ରୀ ଶାହା ସେହି ବୀର ସୈନିକମାନଙ୍କୁ ସମ୍ମାନ ଜଣାଇବା ସହ କୃତଜ୍ଞ ରାଷ୍ଟ୍ର ସେମାନଙ୍କ ବଳିଦାନକୁ କଦାପି ଭୁଲିବ ନାହିଁ ବୋଲି କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ-କାରଗିଲ ଦିବସ

ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କାର୍‌ଗିଲ ଦିବସ ଅବସରରେ ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ ସହ କଥାବାର୍ତ୍ତା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହେଉଛି । ସେ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ଦେଶରେ ୭୦ପ୍ରତିଶତ ପ୍ରତିରକ୍ଷା ଉପକରଣ ନିର୍ମାଣ କରାଯାଇଛି । ଏହାବ୍ୟତୀତ ଭାରତ ୮୦ଟି ଦେଶକୁ ପ୍ରତିରକ୍ଷା ଉପକରଣ ରପ୍ତାନୀ ସହ ୨୫ହଜାର କୋଟି ଟଙ୍କାର ଉପକରଣ ରପ୍ତାନୀ କରିଛି । ଶ୍ରୀ ବୈଷ୍ଣବ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି କଂଗ୍ରେସ ଶାସନ କାଳରେ ସୀମାବର୍ତ୍ତୀ ଅଞ୍ଚଳରେ ସଡ଼କ ସୁବିଧା ନଥିଲା କିନ୍ତୁ ଏବେ ୬ହଜାର ୮୦୦ କିଲୋମିଟରରୁ ଅଧିକ ସଡ଼କପଥ ନିର୍ମାଣ କରାଯାଇଛି ।

# ପ୍ୟାରିସ୍ - ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ କ୍ରୀଡ଼ାକୁମ୍ଭ ଆଜିଠାରୁ ଆରମ୍ଭ ହେବ । ପ୍ୟାରିସ୍‌ର ସୀନ୍ ନଦୀକୂଳରେ ଭାରତୀୟ ସମୟ ଅନୁସାରେ ଆଜି ରାତି ୧୧ଟାରେ ଉଦ୍‌ଘାଟନ ସମାରୋହ ଆୟୋଜିତ ହେବ । ପ୍ରଥମ ଥରପାଇଁ ଅଲିମ୍ପିକ୍ସର ଉଦ୍‌ଘାଟନ ସମାରୋହ ଷ୍ଟାଡିୟମ୍‌ରେ କରା ନ ଯାଇ ଖୋଲା ସ୍ଥାନରେ କରାଯାଉଛି । ଏଥିରେ ଭାଗ ନେଉଥିବା ବିଭିନ୍ନ ଦେଶର ଖେଳାଳିମାନେ ଏକ ପରେଡ୍‌ରେ ନେଟ୍ରେଡେମ୍, ପଣ୍ଟ ଡେସ୍ ଆର୍ଟସ୍ ଏବଂ ପଣ୍ଟ ନ୍ୟୁଫ୍ ମଧ୍ୟଦେଇ ଅତିକ୍ରମ କରିବ । ପ୍ରାୟ ୧୦୦ଟି ବୋଟ୍‌ରେ ୧୦ ହଜାର ୫୦୦ କ୍ରୀଡ଼ାବିତ୍ ପରେଡ୍‌ରେ ଅଂଶଗ୍ରହଣ କରିବେ । ସେହି ପରେଡ୍ ଅଷ୍ଟ୍ରେରଲିଜ୍ ସେତୁରୁ ଆରମ୍ଭ ହୋଇ ଆଇଫେଲ୍ ଟାୱାର ପର୍ଯ୍ୟନ୍ତ ଯିବ । ସେଠାରେ ଅଲିମ୍ପିକ୍ସ ମଶାଲ୍ ପ୍ରଜ୍ୱଳିତ କରାଯାଇ ସମାରୋହ ଆରମ୍ଭ ହେବ । ଭାରତ ପକ୍ଷରୁ ଶରତ କମଲ୍ ଏବଂ ପି.ଭି. ସିନ୍ଧୁ ଜାତୀୟ ପତାକା ବହନ କରିବେ । ପି.ଭି. ସିନ୍ଧୁ ଅଲିମ୍ପିକ୍ସରେ ୨ ଥର ବ୍ୟାଡ୍‌ମିଣ୍ଟନ୍‌ରେ ପଦକ ଜିତିଛନ୍ତି । ଭାରତୀୟ ଖେଳାଳିମାନେ ପାରମ୍ପରିକ ବେଶଭୂଷାରେ ପରେଡ୍‌ରେ ଭାଗ ନେବେ ।

ଗତକାଲି ପ୍ୟାରିସ୍ ଅଲିମ୍ପିକ୍ସରେ ତୀରନ୍ଦାଜ୍‌ରେ ଭାରତର ପୁରୁଷ ଦଳ ର୍‍ୟାଙ୍କିଙ୍ଗ୍ ରାଉଣ୍ଡ୍‌ରେ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ମହିଳା ଦଳ ଚତୁର୍ଥ ସ୍ଥାନ ହାସଲ କରି କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛି । କ୍ୱାର୍ଟର୍ ଫାଇନାଲ୍‌ରେ ଭାରତୀୟ ମହିଳା ଟିମ୍ ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତା ଦଳ ସହ ମୁକାବିଲା କରିବ ।

ସେହିପରି ଭାରତୀୟ ପୁରୁଷ ଦଳ କ୍ୱାର୍ଟର୍ ଫାଇନାଲ୍‌ରେ କଲମ୍ବିଆ କିମ୍ବା ତୁର୍କୀ ସହ ମୁକାବିଲା କରିବ ।

## ସୋନଓ୍ୱାଲ-ଇମ୍ପୋର୍ଟ ଏକ୍ସପୋର୍ଟ

ଦେଶରେ କୃଷି ଉତ୍ପାଦର ରପ୍ତାନୀ ଏବଂ ଆମଦାନୀ କ୍ଷମତା ବୃଦ୍ଧି କରିବା ନିମନ୍ତେ ମୁମ୍ବାଇର ଜବାହରଲାଲ ନେହେରୁ ବନ୍ଦରରେ ଏକୀକୃତ କୃଷି ରପ୍ତାନୀ ସେବା ଆରମ୍ଭ କରାଯିବ । ଜଳ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି ଦେଶରେ କୃଷିଜାତ ଉତ୍ପାଦ ଗୁଡ଼ିକର ଆମଦାନୀ ରପ୍ତାନୀ ସହ ସଂରକ୍ଷଣ ପାଇଁ ଅଧିକ ବ୍ୟବସ୍ଥା କରିବା ଲାଗି ଅନୁମତି ପ୍ରଦାନ କରାଯାଇଛି । ସେ କହିଛନ୍ତି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ୨୮୪ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରାଯିବ ।

ସେ କହିଛନ୍ତି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୃଷି ଉତ୍ପାଦ ସଂରକ୍ଷଣ ଏବଂ କୃଷି କ୍ଷେତ୍ରର ବିକାଶ ହେବା ସହ କୃଷକଙ୍କୁ ସେମାନଙ୍କର ଉତ୍ପାଦର ସଠିକ୍ ମୂଲ୍ୟ ମିଳିପାରିବ ଏବଂ କୃଷିଜାତ ଦ୍ରବ୍ୟ ନଷ୍ଟ ହେବା ହ୍ରାସ ପାଇବ । ସେ କହିଛନ୍ତି କୃଷକମାନଙ୍କୁ ସଶକ୍ତ କରିବା ଏବଂ ଦେଶର କୃଷି କ୍ଷେତ୍ରର ଶତପ୍ରତିଶତ ବିକାଶ ଏ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଅନ୍ୟପକ୍ଷରେ ଏହି ଯୋଜନା ଫଳରେ ଚାଉଳ, ମକ୍କା, ମସଲା, ପିଆଜ ଏବଂ ଗହମଭଳି ଖାଦ୍ୟଶସ୍ୟର ରପ୍ତାନୀ ଲକ୍ଷ୍ୟ ପୂରଣ ହୋଇପାରିବ ।

# ଆମେରିକା-କଂଗ୍ରେସ ବିଲ୍

ଆମେରିକାର ସିନେଟ୍ ସଦସ୍ୟ ମାର୍କୋ ରୁବିଓ ଆଜି ଆମେରିକା କଂଗ୍ରେସରେ ଏକ ବିଧେୟକ ଆଗତ କରିଛନ୍ତି । ଏହି ବିଧେୟକର ଉଦ୍ଦେଶ୍ୟ ହେଉଛି ଆମେରିକା-ଭାରତ ସହଭାଗିତାକୁ ଦୃଢ଼ କରିବା ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍‌ର ପ୍ରଭାବର ମୁକାବିଲା କରିବା । ପ୍ରଥମଥର ପାଇଁ ଆମେରିକା କଂଗ୍ରେସରେ ଏହିଭଳି ଭାରତ ସମର୍ଥନରେ ବିଧେୟକ ଆଗତ ହୋଇଛି । ବିଧେୟକରେ ଭାରତ ସହ ଜାପାନ, ଇସ୍ରାଏଲ, କୋରିଆ ଏବଂ ନାଟୋର ସହଯୋଗୀ ଦେଶମାନଙ୍କ ସହ ଭାଗିଦାରୀ ମଜଭୁତ କରିବା ବିଷୟ ସନ୍ନିବେଶିତ ହୋଇଛି । ଏହାଛଡ଼ା ଏହି ବିଧେୟକ ଅନୁଯାୟୀ ଆମେରିକା ଭାରତର ଅଖଣ୍ଡତା ଏବଂ ବିକାଶକୁ ସମର୍ଥନ କରିବା ସହ ଆବଶ୍ୟକ ସୁରକ୍ଷା ସହାୟତା ପ୍ରଦାନ କରିବ । ଏହି ବିଧେୟକରେ ଭାରତର ଉଦ୍ୟୋଗ, ଚିକିତ୍ସା, ପୁଞ୍ଜିନିବେଶ, ସୁରକ୍ଷା ଏବଂ ମହାକାଶ କ୍ଷେତ୍ରରେ ଆମେରିକା ମଧ୍ୟ ସହଯୋଗ କରିବ ।

# ଓ୍ୱିମେନ୍ସ କ୍ରିକେଟ୍ - ଏସିଆ କପ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ସେମିଫାଇନାଲ୍ ଆଉ କିଛି ସମୟ ପରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ବାଂଲାଦେଶ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଶ୍ରୀଲଙ୍କାର

ରଣଗିରୀ ଦାମ୍ବୁଲା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ । ଭାରତୀୟ ମହିଳା କ୍ରିକେଟ୍ ଦଳ ଗ୍ରୁପ୍-ଏ'ରେ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ତାଲିକାର ଶୀର୍ଷରେ ଥିବାବେଳେ ଗ୍ରୁପ୍-ବି'ରେ ବାଂଲାଦେଶ ଦ୍ୱିତୀୟ ସ୍ଥାନରେ ଅଛି ।

ଭାରତ ଏପର୍ଯ୍ୟନ୍ତ ବାଂଲାଦେଶ ସହ ୨୨ଟି ଟି-ଟ୍ୱେଣ୍ଟି ମୁକାବିଲାରେ ୧୯ଥର ପରାସ୍ତ କରିଛି । ଆଜି ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ସନ୍ଧ୍ୟାରେ ଖେଳାଯିବ ।